# ଟାଟା ପାୱାର୍‌ର ମହଶୀର ସଂରକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ବ୍ୟୁରୋ) : ବର୍ତ୍ତମାନ ସମୟରେ ସବୁଜ ପଦକ୍ଷେପ ଏକ ସାର୍ବଜନିକ ପଦକ୍ଷେପ ହୋଇଛି, ବହୁ କମ୍ପାନି ଏହାକୁ ଆଗ୍ରହର ସହ କାର୍ଯ୍ୟକାରୀ କରୁଛନ୍ତି ଏବଂ ବେଳେବେଳେ ଦୀର୍ଘସ୍ଥାୟୀ ବିକାଶ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ସହ ଏହାକୁ ଯୋଡୁଛନ୍ତି । ଶିଳ୍ପ ଅଭିବୃଦ୍ଧିର ପ୍ରଭାବ ଜୈବ ବିବିଧତା ଉପରେ ପଡୁଛି, ଏଣୁ କର୍ପୋରେଟ୍ ନିଶ୍ଚିତ ଭାବେ ଜୈବ ବିବିଧତା ହ୍ରାସକୁ ରୋକିବା ସହ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ । ଟାଟା ପାୱାରର ମହଶୀର ସଂରକ୍ଷଣ କାର୍ଯ୍ୟକ୍ରମ ଏ ଦିଗରେ ଏକ ଉପଯୁକ୍ତ ପଦକ୍ଷେପ ଏବଂ ଏହା ମାଧ୍ୟମରେ କମ୍ପାନି ସୁନେଲୀ ମହଶୀର ମାଛର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛି । ପ୍ରୋଜେକ୍ଟ ଟାଇଗର୍ ପରେ ଏହା ଏକ ବୃହତ୍ ଭାରତୀୟ ସଂରକ୍ଷଣ କାର୍ଯ୍ୟକ୍ରମ । 'ଟାଇଗର୍ ଅଫ୍ ୱାଟର' ଭାବେ ଜଣାଶୁଣା ମହଶୀର ବିଶ୍ୱର ସବୁଠାରୁ କଠୋର ଲଢୁଆ ମାଛ ଏବଂ ଏହା ଲମ୍ବରେ ୨.୭୫ ମିଟର (୯ ଫୁଟ) ପର୍ଯ୍ୟନ୍ତ ବଢ଼ିପାରେ ଏବଂ ଏହାର ଓଜନ ପାଖାପାଖି ୩୫-୪୦ କିଲୋଗ୍ରାମ ହୋଇଥାଏ । ବଡ଼ ଆକାର ଯୋଗୁ ଏହା ବିଶ୍ୱର ପ୍ରମୁଖ ୨୦ଟି ମେଗା ଫିସ୍ ତାଲିକାରେ ସ୍ଥାନ ପାଇଛି । ୨୦୧୦ ରିପୋର୍ଟ ମୁତାବକ, ଗତ କିଛି ବର୍ଷ ମଧ୍ୟରେ ସୁନେଲୀ ମହଶୀର ସଂଖ୍ୟା ପାଖାପାଖି ୫୦%ରୁ ଅଧିକ କମିଛି । ବିନା କୌଣସି ପଦକ୍ଷେପରେ ଆଗାମୀ ଦିନରେ ଏମାନଙ୍କ ସଂଖ୍ୟା ପାଖାପାଖି ୮୦% କମିବ ବୋଲି ଆକଳନ କରାଯାଇଛି ।